ସକାଳୁ କାହା ଘରେ ଖାସି ମାଂସ ତ କାହାଘରେ କଙ୍କଡ଼ା, ମାଛ, ଫୁଲତୋଡ଼ା ତ ରାତିରେ କାହାପାଇଁ କି ପ୍ରକାର ସୁରା ସାକି କେଉଁଠି ପହଞ୍ଚାଇବା ଦରକାର ସେ ନିର୍ଭୁଲ ଭାବରେ ଜାଣେ। ତଦନୁସାରେ ବ୍ୟବସ୍ଥା କରେ। ନାରାୟଣ ଅଫିସର ନହେଲେ କ'ଣ ହେଲା, ଚେହେରା ଆଦବ କାଇଦାରେ ଅଫିସରଙ୍କ ଠାରୁ କମ୍ ନୁହେଁ। ତା' ମୁହଁରୁ 'ହଁ, ମ୍ୟାଡାମ୍, ସାର୍' ଶୁଣିବା ପାଇଁ ଉଚ୍ଚପଦସ୍ଥଙ୍କ ପତ୍ନୀମାନେ ବ୍ୟାକୁଳ। ସେମାନଙ୍କ ଦ୍ୱିପହରିଆ ଆବଶ୍ୟକତା, ତେଲଲୁଣ ସଂସାର ତଥା ପର୍ବପର୍ବାଣୀରେ ଶାଢ଼ି, ଫଳମୂଳ ମିଠା ଆଦି ଏପରିକି ଉପଢ଼ୌକନ ପାଇଁ ଅନ୍ତର୍ବାସର ରଙ୍ଗ ଓ ସାଇଜ୍ ସବୁକଥା ନାରାୟଣର ନଖଦର୍ପଣରେ। ସେସବୁ ନିର୍ଦ୍ଦିଷ୍ଟ ଦୋକାନରୁ ଆସେ ଯେଉଁଠି ଏସବୁ ଖର୍ଚ୍ଚ ଏଡ୍‌ଜଷ୍ଟ ହୋଇଯାଏ, କିଛି ଦିନଯାଏନା, ନିଆଯାଏ। ଏଇଥି ପାଇଁ ନାରାୟଣ କିଛି ପ୍ରାକ୍ତନ ମନ୍ତ୍ରୀ ଓ ମନ୍ତ୍ରୀଙ୍କ ଗେହ୍ଲାପୁଅ ହୋଇସାରିଛି। ନିଜ ପଦୋନ୍ନତି ସେ ନିଜେ ହିଁ କରେ, ଆବଶ୍ୟକସ୍ଥଳେ ଅନ୍ୟମାନଙ୍କର ମଧ କରାଏ। ହାତରୁ ଖର୍ଚ୍ଚ କରି ପଦପଦବୀ ହାସଲ କରିବା ଓ ମଉକା ଦେଖି ଖର୍ଚ୍ଚ ଆଡଜଷ୍ଟ କରିଦେବା ଆଜିର ଫ୍ୟାଶନ୍ -ସେକଥା ନାରାୟଣ ଜାଣେ, ତେଣୁ ଅର୍ଥ ଆତ୍ମସାତ୍ କରି ସଠିକ୍ ସମୟରେ ସଠିକ୍ ପଦାଧିକାରୀଙ୍କ ପଦସେବା କରି ଏସବୁ କାମ କରାଇନିଏ। ଲିଷ୍ଟରେ ନାମ ନଥିବା ଲୋକଙ୍କ ନାମ ଭର୍ତ୍ତି କରି ପଦୋନ୍ନତି କରାଏ। ସେପରି ବଦଳି ଲିଷ୍ଟ ପ୍ରସ୍ତୁତି ତାକୁ ଖୁବ୍ ମଜା ଦିଏ, ସୁନା ହାର ପରି କଣ୍ଠିକୁ କଣ୍ଠି ଯୋଡ଼ି ହୋଇଥାଏ। କମ୍ପ୍ୟୁଟରରେ ଲିଷ୍ଟ ପ୍ରସ୍ତୁତ ସମୟରୁ ହିଁ ସେ ପାଣ୍ଠି ସଂଗ୍ରହ କରିବାରେ ଲାଗିପଡ଼େ। ତା'ର କଟାସ ଆଖିରେ ସଚ୍ଚୋଟ ସେବକ ବା କର୍ମଚାରୀ ବଳଦିଆ। ସେମାନଙ୍କ ଉପରେ କାମ ଭାର ବଢ଼ାଇଲେ ସେମାନେ ଗାଁ ଗାଁ କରନ୍ତି କିନ୍ତୁ କିଛି ନ କହି ସହିଯା'ନ୍ତି। ସେମାନଙ୍କ ଉପର ହାକିମଙ୍କ କାନରେ ଫୁସ୍‌ଫୁସ୍ କରି ନାନା କଥା କହି କାମ ଚାପ ବଢ଼ାଏ, ସେମାନେ ଜାଣି ପାରନ୍ତି ନାହିଁ ଯେ ଏ କାର୍ଯ୍ୟ କରୁଛି କିଏ, କେବଳ ଆଦେଶର ଦାସ ହୁଅନ୍ତି। ସେମାନଙ୍କ ସାଥିରେ ନାରାୟଣ ଚା'ପାନ କରେ ଓ ଝାଳୁଆ ମୁହଁ ଓ ବେକଦଣ୍ଡା ଦେଖି ମନେ ମନେ ହସେ।

ନାରାୟଣ ପାଖକୁ ସମସ୍ତେ ଆସିବାକୁ ଚାହାଁନ୍ତି, ନିଜ ନିଜର ସ୍ୱାର୍ଥ ହାସଲ ପାଇଁ ଏବଂ ପରେ ପରେ କୁହନ୍ତି ଯେ ନାରାୟଣ କାହାର ନୁହେଁ ଏପରିକି ତା' ବାପର ନୁହେଁ। ସେଥିପାଇଁ ସେ ସମସ୍ତଙ୍କଠାରୁ ଦୂରେଇ ରହେ, ରହିବାକୁ ପସନ୍ଦ କରେ। ମଦିରା ଆସରରେ ସେ କହେ ଯେ ମଣିଷ ପ୍ରକୃତରେ ଗୋଟାଏ ପଶୁ। ତାକୁ ଚରାଇବାକୁ ପଡ଼େ, ପ୍ରହାର କରିବାକୁ ପଡ଼େ। ଯିଏ ନ କରିପାରିଲା ସେ ଅଯୋଗ୍ୟ, ଅସଫଳ। ସର୍ବୋଚ୍ଚ ଅଧିକାରୀମାନେ ଅମେରୁଦଣ୍ଡୀ କିନ୍ତୁ ମୁଣ୍ଡ ନ ନୁଆଁଇଲେ ସେମାନଙ୍କ ଭିତରୁ ହଠାତ୍ ସାପଟିଏ ବାହାରି ମଣିଷଟିକୁ ଚୋଟ ମାରେ। ତେଣୁ ଚାହଁ ବା ନ ଚାହଁ ଖାତିରଦାରୀ ନିହାତି ଦରକାର। ସେମାନଙ୍କ ପେଟ ଦେଇ କଲମ ପାଖରେ ପହଞ୍ଚିବାକୁ ହୁଏ। ସେ ଆହୁରି କହେ ସବୁ ପାପ ସବୁ ପୁଣ୍ୟ। ନ ଭାବିଲେ ସବୁ ପୁଣ୍ୟ, ଭାବିଲେ ସବୁ ପାପ। ଏପରି କେତେ କେତେ କଥା କହେ ନାରାୟଣ।




ନାରାୟଣ ଅବିବାହିତ। ତା' ବାପ ଅଗାଧୁର ତିନୋଟି ସ୍ତ୍ରୀ ନିଃସନ୍ତାନ ଥିଲେ ଏବଂ ରହସ୍ୟମୟ ପରିସ୍ଥିତିରେ ସେମାନଙ୍କ ଅକାଳ ମୃତ୍ୟୁ ହେବା ପରେ ସେ ଆଉ ବିବାହ କରିନଥିଲେ ଯଦିଓ ବିବାହଜନିତ ଅଭାବ ବୋଧ ତାଙ୍କର ନଥିଲା। ଆଜି ବି ନାହିଁ। ନାରାୟଣ ସଠିକ୍ ଭାବେ ଜାଣେନା ତା' ମା' କିଏ। ଗାଁ କାନ୍ଥର ଫିସ୍‌ଫିସ୍ କଥାରୁ କେବେ କେମିତି ଯାହା ଖବର ପାଏ ସେ ଜାରଜ ସନ୍ତାନ, ଅଜଣା ଅନୈତିକ ସମ୍ପର୍କରୁ ତା'ର ଜନ୍ମ। କେହି କେହି କହନ୍ତି ତା' ମା' ବିଦେଶରେ ବିକ୍ରି ହୋଇଯାଇଛି କାହିଁ କୋଉକାଳୁ। ଏ ସବୁ କାନକୁହା କଥାକୁ ନାରାୟଣ ତିଳେ ବି ଖାତିର କରେନା। ସେ ବର୍ତ୍ତମାନରେ ବଞ୍ଚେ। ଗାଁ ନୁହଁ ସହର ତା'ର ଚରାଭୂଇଁ। ଗାଁ ବାପ ପାଇଁ ସହରୀ ପୁଅ ଗର୍ବ କରେ ଏବଂ ସହରୀ ପୁଅ ପାଇଁ ବାପ ବି। ଉଭୟ ଅଗାଧୁ ଓ ନାରାୟଣ ବଂଶବୃଦ୍ଧି ଓ ବଂଶ ବୃକ୍ଷ ପାଇଁ ଆଗ୍ରହୀ ନୁହନ୍ତି। ବଞ୍ଚିଥିବା ପର୍ଯ୍ୟନ୍ତ ସମ୍ପତ୍ତି ଭୋଗ ହିଁ ଏକମାତ୍ର ଲକ୍ଷ୍ୟ, ତା' ଛଡ଼ା ଓ ତା'ପରେ କ'ଣ ସେ ବିଷୟରେ ନା କିଛି ଭାବନ୍ତି, ନା' କିଛି କରନ୍ତି। ଗାଁ ମୁଣ୍ଡରେ ଠିପି ଖୋଲା ମଦ ଦୋକାନ ବାପପୁଅଙ୍କ ଅବଦାନ। ଖୁବ୍ ରାଜସ୍ୱ ମିଳେ 'ବାପପୁଅ ଠିପିଖୋଲା ମଦ ଦୋକାନରୁ।

ଲଙ୍ଗଳା ପାଗଳ ଗାଁ ମୁଣ୍ଡରେ ସବୁ ଶନିବାର ଦିନ ବଡ଼ପାଟିରେ କହିବୁଲେ ''ଥୟ ଧର, ଥୟ ଧର। ଗାଁ ମିତ ମକର ହେଲେଣି ପର। ବେଳ ହେଲାଣି ତରତର ପୁଅ ମାରିବ ବାପକୁ। ଗାଁ ମାଇପେ ଧରି ଅସ୍ତ୍ର। ଗାଁ ହେବ ନୁଆଗାଁ। ବସିବ ବଜାର, ହେବ ଆଦର୍ଶ ପାଠାଗାର। ଥୟ ଧର, ଥୟ ଧର। ସର୍ବେ ଭୁଲିଲେଣି ନିଜ ଗୋତର, ହାତ ଧରାଧରି ହୋଇ ଗାଁ ଛାଡ଼ିଲେଣି ଭାଉଜ ଦିଅର। ନିଜ ଲୋକ ହେଲେଣି ପର। ଜମିରୁ ବହିଲାଣି ରକତ ଧାର, ଜମି ବିକା ଟଙ୍କା ଭାଙ୍ଗିଲାଣି ଘର, ରଖିବାକୁ ଜାଗା ନାହିଁ ମଟରକାର। ଥୟ ଧର ଥୟ ଧର।.....'' ତା'ପରେ କିଛି ଅଶାଳୀନ ଭାଷା; କାନରେ ହାତ ଦେଇ ଗାଁ ଲୋକେ ପାର ହୋଇଯାଆନ୍ତି ନିଜ ନିଜ କାମରେ। ଲୋକେ କହନ୍ତି ପାଗଳ କଥା ସତ ହୁଏ।

*ଏନ୍-୧, ଏ/୩୨, ଆଇଆରସି ଭିଲେଜ୍, ନୁଆପଲ୍ଲୀ,*
*ଭୁବନେଶ୍ୱର-୭୫୧୦୧୫, ମୋ: ୮୮୯୫୫୦୦୫୪୩*